ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev(OD)/1213/03-02-2021

# ଆଦିବାସୀ ମେଳା ୨୦୨୧: ମହିଳା ସଶକ୍ତିକରଣର ପ୍ରକୃଷ୍ଟ ନିଦର୍ଶନ

ଭୁବନେଶ୍ୱର, ତା.୦୩/୦୨/୨୦୨୧

ଓଡ଼ିଶାରେ ମହିଳା ସଶକ୍ତିକରଣ ନିମନ୍ତେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତିରେ ସାମିଲ ହୋଇଥିବା ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କିଭଳି ନିଜର ନିଷ୍ଠା ଓ ପରିଶ୍ରମ ବଳରେ ରୋଜଗାରକ୍ଷମ ହୋଇପାରିଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଦିବାସୀ ମେଳା । ଆଦିବାସୀ ମେଳା ମାଧ୍ୟମରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଉତ୍ପାଦକୁ ବଜାର ସହିତ ସଂଯୁକ୍ତ କରାଯାଇଛି । ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦକୁ ବିକ୍ରୟ କରିବା ସହିତ ରାଜଧାନୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

ଆଦିବାସୀ ମେଳାରେ ସୁଦୂର ରାୟଗଡ଼ାର ବିଷମକଟକରୁ ଆସିଥିବା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକଣାର ନିୟମଗିରି ସ୍ୱୟଂ ସହାୟକ ସଂଘ, ଖମ୍ଭେସି, ମା'ଭୈରବୀ ସ୍ୱୟଂ ସହାୟକ ସଂଘ, ଖମ୍ଭେସି ଆଦିବାସୀ ମେଳାରେ ଗୁଣ୍ଡ ହଳଦୀ, ସୋରିଷ, ଝୁଡୁଙ୍ଗ, ବିରି, ପାଳୁଅ, ଗୋଲମରିଚ, କଞ୍ଚା ହଳଦୀ, ଶୁଖା ହଳଦୀ, କାଙ୍ଗୁ ଚାଉଳ, ମାଣ୍ଡିଆ ଗୁଣ୍ଡ, ଅଦା, ଅଁଳା, କାନ୍ଦୁଲ, ହରିଡ଼ା, ବାହାଡ଼ା ଆଦି ସଂଗ୍ରହ ଓ ପ୍ରସ୍ତୁତ କରି ଉତ୍ତମ ଗୁଣ ମାନର ସାମଗ୍ରୀ ଗ୍ରାହକମାନଙ୍କ ଆଗରେ ରଖିଛନ୍ତି । ଗ୍ରାହକମାନେ ଏହାକୁ ଆଗ୍ରହର ସହିତ କ୍ରୟ କରୁଛନ୍ତି ।

୨୦୦୪-୦୫ ମସିହାରେ ଚାଟିକଣା ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ସଂଘ ପ୍ରଥମ ୧୦ ଜଣ ସଦସ୍ୟା ଗ୍ରୁପ୍ କରି ପ୍ରତ୍ୟେକ ସଦସ୍ୟା ୧୦ ଟଙ୍କା ହିସାବରେ ସଂଘ ଆରମ୍ଭ କରିଥିଲେ । ଏବେ ଏହି ସଂଘର ସଦସ୍ୟାମାନେ ୫୦ ଟଙ୍କା ଲେଖାଏଁ ଆଦାୟ କରି ବ୍ୟାଙ୍କ ଋଣ କରି ସବ୍‌ସିଡି ପାଉଛନ୍ତି । କେବଳ ଉପରଲିଖିତ ସାମଗ୍ରୀ ନୁହେଁ ଏହା ବ୍ୟତୀତ ସବୁ ପ୍ରକାରର ହାତ ତିଆରି ଜିନିଷ ଯଥା ଖଲିପତ୍ର, ଶିଆଳିପତ୍ର, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରୁପ୍ ମାଧ୍ୟମରେ ମଧ୍ୟ ବିକ୍ରି କରୁଛନ୍ତି । ଆଉ ମଧ୍ୟ ଜଙ୍ଗଲରୁ ସପୁରୀ, ଆମ୍ବ ଆଦି ବିଭିନ୍ନ ଫଳ ସଂଗ୍ରହ କରି ବିକ୍ରୟ କରୁଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ହଳଦୀ, ଝୁଡୁଙ୍ଗ, ଅଦା, କାନ୍ଦୁଲ, ବରଗଡ଼ ଓ ଝାଡୁ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଅଛି ।

ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏବେ ମାସକୁ ଅତିକମ୍‌ରେ ପାଞ୍ଚ ହଜାର ଟଙ୍କା ପାଇପାରୁଛନ୍ତି ବୋଲି ସଂଘର ଗୋଲକ ସିକକା ପ୍ରକାଶ କରିଛନ୍ତି । ଆଦିବାସୀ ମେଳାରେ ଏହି ଦୁଇଟି ଷ୍ଟଲ୍‌ରେ ମିନାଇ ସିକକା, ଗଡେ କୁଣ୍ଡିକା, ମମି ୱାଡାକା, ସମିତା କୁଣ୍ଡିକା, ସମିତା ୱାଡାକା, ଚାରି ୱାଡାକା ଛଅ ଜଣ ସଦସ୍ୟା ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି ।

ଆଦିବାସୀ ମେଳା ଜାନୁଆରୀ ୨୬ ତାରିଖଠାରୁ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଅନୁଷ୍ଠିତ ହେଉଛି । ପ୍ରତିଦିନ ଡିଜିଟାଲ ମାଧ୍ୟମରେ ମେଳା ପରିସରରେ ଓ ଆଦିବାସୀ ମେଳାର ୱେବ୍‌ସାଇଟ୍ http//:www.adivasimela2021.comରେ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଦର୍ଶକମାନେ ଆଦିବାସୀ ନୃତ୍ୟ ଉପଭୋଗ କରିପାରୁଛନ୍ତି । ଆଜି ଭୋତଡ଼ା ଜନଜାତିଙ୍କର ଢେମ୍‌ସା ନୃତ୍ୟ, ମୁଣ୍ଡା ଜନଜାତିଙ୍କର ଇନ୍‌ଡ ନୃତ୍ୟ, ଓରାଓଁ ଜନଜାତିଙ୍କର କରମା ନୃତ୍ୟ ପ୍ରଦର୍ଶିତ ହୋଇଛି ।

ଆସନ୍ତାକାଲି ଫେବୃଆରୀ ୪ ତାରିଖ ଦିନ ଡଙ୍ଗରିଆ କନ୍ଧଙ୍କ ଦ୍ୱାରା ବକୁନି ନୃତ୍ୟ, ଉତ୍ତରପ୍ରଦେଶର ଡାଙ୍ଗୀ ଜନଜାତିଙ୍କର ହୋଲି ନୃତ୍ୟ, ଶବର ଜନଜାତିଙ୍କର ବିବାହ ନୃତ୍ୟ ପ୍ରଦର୍ଶିତ ହେବ ।

ପ୍ରତିଦିନ ଆଦିବାସୀ ମେଳା ଦିବା ୧୧ ଘଟିକାଠାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି । ମେଳାରେ ୯୦ଟି ଷ୍ଟଲ ରହିଛି । ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଆଦିବାସୀ ମେଳା ଚାଲିବ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ